# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 July - 2024**

**News Editor : Tapan Kumar Maharana**

**************************************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ
- ସମୃଦ୍ଧ, ସଶକ୍ତ ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ରାଜ୍ୟପାଳ ରଘୁବର ଦାସ
- ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାରୁ କେତେକ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ

ଏବଂ

- ଶ୍ରାବଣ ପ୍ରଥମ ସୋମବାରରେ ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

***BBSR/Assembly***

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ବୈଠକ ଆରମ୍ଭରେ ରାଜ୍ୟପାଳ ରଘୁବର ଦାସ ଅଭିଭାଷଣ ପ୍ରଦାନ କରିଥିଲେ। ତେବେ ଏହି ଅଭିଭାଷଣ ଆରମ୍ଭ ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତିବାଦ ଜଣାଇ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ବିଧାୟକମାନେ ମଧ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରତିବାଦ ଜଣାଇ କକ୍ଷତ୍ୟାଗ କରିଥିଲେ। ବିଜେଡି ଏବଂ କଂଗ୍ରେସର କକ୍ଷତ୍ୟାଗ ପରେ ରାଜ୍ୟପାଳ ତାଙ୍କ ଅଭିଭାଷଣ ଜାରି ରଖିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ, ପୂର୍ବତନ ଉପ ବାଚସ୍ପତି ତଥା ମନ୍ତ୍ରୀ ସୁରେନ୍ଦ୍ର ନାଥ ନାଏକ, ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ, ଡମ୍ବରୁଧର ଉଲାକା, ଡାକ୍ତର କମଳା ଦାସ, ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓ, ବିଧାୟକ ଆଦିତ୍ୟ ମାଢ଼ି, ପଦ୍ମଶ୍ରୀ କମଳା ପୂଜାରୀ ଏବଂ ସହିଦ୍ ପୁଲିସ କର୍ମଚାରୀ ହିମାଂଶୁ ଶେଖର ରଥଙ୍କ ନିମନ୍ତେ ଶୋକପ୍ରସ୍ତାବ ଆଗତ କରିଥିଲେ। ସେମାନଙ୍କ ସମ୍ମାନାର୍ଥେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକପ୍ରସ୍ତାବ ଗ୍ରହଣ ହେବା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଆଜି ଦିନର ଅବଶିଷ୍ଟ କାର୍ଯ୍ୟକ୍ରମକୁ ବାତିଲ କରାଯାଇ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା।

*BBSR/Assembly*

# ରାଜ୍ୟପାଳଙ୍କ ଅଭିଭାଷଣ

ସମୃଦ୍ଧ, ସଶକ୍ତ ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଦୃଷ୍ଟିକୋଣରୁ ସରକାର ବିଶ୍ୱସ୍ତ ରହିବେ ଏବଂ ଏକ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ବ୍ୟାପକ ପରିକଳ୍ପନା କରାଯାଇଛି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଆଜି ସପ୍ତଦଶ ବିଧାନସଭାର ପ୍ରଥମ ଦିନରେ ଗୃହରେ ଅଭିଭାଷଣ ପ୍ରଦାନ କରି ରାଜ୍ୟପାଳ କହିଛନ୍ତି, ଓଡ଼ିଶା ଗଠନର ଶତବାର୍ଷିକୀ ପାଖେଇ ଆସୁଥିବା ବେଳେ ସରକାର ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ କରିବାର ଲକ୍ଷ୍ୟ ରଖିଛନ୍ତି। ସେ କହିଛନ୍ତି, ଓଡ଼ିଶା ଏପରି ଏକ ରାଜ୍ୟରେ ପରିଣତ ହେବ, ଯେଉଁଠାରେ କୃଷକମାନଙ୍କର ଉନ୍ନତି, ଯୁବକ ଯୁବତୀମାନଙ୍କୁ ରୋଜଗାର ଓ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ସମସ୍ତ ବ୍ୟବସ୍ଥା ରହିବ। ସେ କହିଛନ୍ତି, କୃଷକ, ଶ୍ରମିକ, ଜନଜାତି, ଯୁବଶକ୍ତି, ଅନ୍ନଦାତା ଓ ନାରୀଶକ୍ତିକୁ ସବୁ ଦିଗରେ ପ୍ରାଥମିକତା ଦିଆଯିବ। ଚାକିରି କ୍ଷେତ୍ରରେ ଅଭିବୃଦ୍ଧିର ସୁବର୍ଣ୍ଣ ସୁଯୋଗ ଥିବାରୁ ଶିଳ୍ପ ଓ ଭିତ୍ତିଭୂମିର ବିକାଶ, ପ୍ରାକୃତିକ ସମ୍ବଳର ସ୍ଥାୟୀ ଉପଯୋଗ, ଶିକ୍ଷା ଓ ଦକ୍ଷତା ବିକାଶରେ ଉନ୍ନତି, କୃଷି ଉତ୍ପାଦକତାରେ ବୃଦ୍ଧି, ପର୍ଯ୍ୟଟନକୁ ପ୍ରୋତ୍ସାହନ, ସଂସ୍କାର ନୀତି କାର୍ଯ୍ୟକାରୀ କରିବା, ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସୁନିଶ୍ଚିତତା, ସ୍ୱାସ୍ଥ୍ୟସେବା

କ୍ଷେତ୍ରରେ ପୁଞ୍ଜିନିବେଶ ଏବଂ ଉଦ୍ଭାବନ ଓ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରି  ଓଡ଼ିଶାକୁ ପୂର୍ବ ଭାରତରେ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବାକୁ ସରକାର ପରିକଳ୍ପନା କରିଛନ୍ତି ।  ଆମ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସମର୍ଥନରେ ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିବା ଦିଗରେ ନିରନ୍ତର ପ୍ରଚେଷ୍ଟା ଓ ଅହୋରାତ୍ର କାମ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି, ଓଡ଼ିଶାର ମୋଟ୍ ଜନସଂଖ୍ୟାର ୬୦ ପ୍ରତିଶତ କୃଷି କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ଆଗାମୀ ୫ ବର୍ଷର ବ୍ୟାପକ ଦୃଷ୍ଟିକୋଣ ସହିତ କୃଷିକ୍ଷେତ୍ରରେ ସମ୍ପୂର୍ଣ୍ଣ ସମ୍ଭାବନାକୁ  ଉପଯୋଗ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

ଓଡ଼ିଶାକୁ ଏକ ଗତିଶୀଳ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଅଟୋ ମୋବାଇଲ, ବ୍ୟାଟେରୀ ଚାଳିତ ଯାନ, ସେମିକଣ୍ଡକ୍ଟର ଏବଂ ଆଇ.ଟି. ଶିଳ୍ପ ଉପରେ ଗୁରୁତ୍ୱ ଦେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତିକୁ ପ୍ରୋତ୍ସାହିତ କରି ୨୦୨୯ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ୫୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

*Nabarangpur*

## ଶିକ୍ଷା ସପ୍ତାହ

ଜାତୀୟ ଶିକ୍ଷା ନୀତି ଲାଗୁ ହେବାର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ଜିଲ୍ଲାରେ ଶିକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଛି । ଆଜିଠାରୁ ଆଗାମୀ ସାତ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୧ ହଜାର ୮୦୫ ଟି ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ସମସ୍ତ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଛି । ସେହିପରି ମଙ୍ଗଳବାରରେ  ମୂଳ ସାକ୍ଷରତା ଏବଂ ସଂଖ୍ୟା,  ବୁଧବାରରେ କ୍ରୀଡ଼ା ଦିବସ, ଗୁରୁବାରରେ ସାଂସ୍କୃତିକ ଦିବସ, ଶୁକ୍ରବାରରେ ଦକ୍ଷତା ଏବଂ ଡିଜିଟାଲ୍, ଶନିବାରରେ ମିଶନ୍ ଲାଇଫ୍ ଇକୋ କ୍ଲବ୍ ଓ ରବିବାରରେ ଗୋଷ୍ଠୀ ଯୋଗଦାନ ଦିବସ ପାଳନ କରାଯିବ ।

***HS***

## ମାଟ୍ରିକ ପରୀକ୍ଷା

ରାଜ୍ୟରେ ଆଜିଠାରୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହୋଇଛି ।  ଗଣିତ ବ୍ୟତୀତ ପ୍ରତ୍ୟେକ ବିଷୟର ପରୀକ୍ଷା ପୂର୍ବାହ୍ନ ୯ଟାଠାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ହେବ । ରାଜ୍ୟରେ ୮୩ଟି ପରୀକ୍ଷା କେନ୍ଦ୍ରରେ ୯୭୨ ଜଣ ପରୀକ୍ଷାର୍ଥୀ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଉଥିବା ବେଳେ ୧୨୧ଟି ପରୀକ୍ଷା କେନ୍ଦ୍ରରେ

୨୪ ହଜାର ୫୨୦ ପରୀକ୍ଷାର୍ଥୀ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେଉଛନ୍ତି । ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ ।

***Desk/Nuapada***

## କୋର୍ଟ ନିଯୁକ୍ତି

ରାଜ୍ୟରେ ସ୍ଥାପିତ ହୋଇଥିବା ୬ଟି ନ୍ୟାୟାଳୟରେ ୭୨ଟି ପଦବୀ ପାଇଁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିମଧ୍ୟରେ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ କୋର୍ଟ ରହିଛି । କଟକ, ଭଦ୍ରକ, ନୀଳଗିରି, ଉଦଳା, ପଟ୍ଟାମୁଣ୍ଡାଇ ଏବଂ ଖରିଆର ଠାରେ ସ୍ଥାପନ ହୋଇଥିବା କୋର୍ଟଗୁଡ଼ିକରେ ନୂଆ ନିଯୁକ୍ତି ନିମନ୍ତେ ରାଜ୍ୟପାଳଙ୍କ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି ।

***Malakangiri***

## ମାଲକାନଗିରି ବନ୍ୟା

ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଧୀରେ ଧୀରେ ବନ୍ୟା ପରିସ୍ଥିତି ସୁଧୁରିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୮୨ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ମାଲକାନଗିରି ଜିଲ୍ଲା ସଦର ମହକୁମା ଓ କାଲିମେଳାର ମୋଟ ୧୫୩ ଜଣଙ୍କୁ ତଳିଆ ଅଂଚଳରୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇ ମାଗଣା ରନ୍ଧନ ଖାଦ୍ୟ ପ୍ରଦାନ କରାଯାଉଛି । ମାଲକାନଗିରି ପୌର ପରିଷଦର ହାଟପଦା ସାହିରେ କୃତ୍ରିମ ବନ୍ୟା ଯୋଗୁଁ ବହୁ ଘରେ ପାଣି ପଶିଯାଇଥିବାରୁ ମୋଟର ପମ୍ପ ଜରିଆରେ ଜଳ

ନିଷ୍କାସନ କରାଯାଉଛି । ଆଜି ଜିଲ୍ଲାର ଏମ. ଭି-୯୬ ଓ କାଙ୍ଗୁରୁକୋଣ୍ଡା ପୋଲ ଉପରେ ପ୍ରବାହିତ ହେଉଥିବା ଜଳସ୍ତର ହ୍ରାସ ପାଇଛି। ଫଳରେ ଜିଲ୍ଲାର ସମସ୍ତ ଅଞ୍ଚଳକୁ ଯୋଗାଯୋଗ ସ୍ୱାଭାବିକ ହୋଇଛି। ଲଗାଣ ବର୍ଷା ଯୋଗୁଁ ସିଲେରୁ ଓ ସବେରୀ ନଦୀର ଜଳସ୍ତର ହ୍ରାସ ପାଇଥିବାରୁ ମୋଟୁ ଗ୍ରାମର ମୁଗି ପଏଣ୍ଟକୁ ଛୁଇଁଥିବା ବନ୍ୟା ଜଳସ୍ତର ମଧ୍ୟ କମିବାରେ ଲାଗିଛି।

ଆନ୍ଧ୍ରପ୍ରଦେଶର କାଲେରୁ ରାସ୍ତା ଓ ଛତିଶଗଡ଼କୁ ସଂଯୋଗ କରୁଥିବା ସବେରୀ ନଦୀ ପୋଲର ଆପ୍ରୋଚ ରାସ୍ତା ଧୋଇ ହେବା ଯୋଗୁଁ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏଥିସହ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ରାସ୍ତାକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡିଛି ।

***Ganjam***

## ଜଳସେଚନ

ଗଞ୍ଜାମ ଜିଲ୍ଲାରେ  କିଛି ଦିନ ଲଗାଣ ବର୍ଷା ପରେ ଖରିଫ ଚାଷ ପାଇଁ ପାଗ ଅନୁକୂଳ ହୋଇଛି। ଋଷିକୁଲ୍ୟା ମୁଖ୍ୟ କେନାଲରୁ ଚାଷ ଜମିକୁ ପାଣି ଛାଡ଼ିବା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ମୁଖ୍ୟ କେନାଲ ସହ ଶାଖା କେନାଲ ଗୁଡ଼ିକୁ ପାଣି ଛଡ଼ା ଯିବା ପରେ ଚାଷୀମାନେ ଚାଷ କାର୍ଯ୍ୟରେ ଲାଗି ପଡିଛନ୍ତି। ଋଷିକୁଲ୍ୟା କେନାଲରୁ ଆସନ୍ତା ନଭେମ୍ବର

ମାସ ପର୍ଯ୍ୟନ୍ତ ଚାଷୀଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି  ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ରନାଥ ସେଠୀ କହିଛନ୍ତି।

***HS***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହୋଇ ସୁଦୃଢ଼ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଗତ ୨୪ ଘଂଟା ମଧ୍ୟରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାରେ ସର୍ବାଧିକ ୧୬୪ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ୧ରୁ ଜୁଲାଇ ୨୨ ପର୍ଯ୍ୟନ୍ତ ରାଜ୍ୟରେ ୩୭୧ ଦଶମିକ ୯ ପ୍ରତିଶତ ମିଲିମଟର ବର୍ଷା ରେକର୍ଡ଼ କରାଯାଇଛି। ଯାହା ସ୍ୱାଭାବିକ୍ ବର୍ଷା ତୁଳନାରେ ୧୭ ପ୍ରତିଶତ କମ୍ ରହିଛି। ୧୩ଟି ଜିଲ୍ଲାରେ ସ୍ୱାଭାବିକ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି।

***Nabarangpur***

## ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକଠାରେ ଆଜି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩ ଟି ଅଭିଯୋଗର ଶୁଣାଣି

ହୋଇଛି । ଏଥିସହ ୩୦ ଜଣଙ୍କୁ ପେନସନ, ୨୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ଜଣେ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି ।

*Sonepur/BHK/HS/Puri*

## ଶ୍ରାବଣ ସୋମବାର

ଶ୍ରାବଣ ମାସର ଆଜି ପ୍ରଥମ ସୋମବାରରେ ଶ୍ରୀକ୍ଷେତ୍ର ଲୋକନାଥଙ୍କ ପାଖରେ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତ  ଜଳଲାଗି କରୁଛନ୍ତି । ଶୃଙ୍ଖଳିତଭାବେ ଜଳଲାଗି କରିବା ନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇଅଛି । ଗତକାଲି ମଧ୍ୟରାତ୍ରୀରୁ ଜଳଲାଗି ଓ ଦର୍ଶନ ନେଇ ମାନସିକଧାରୀ ଭକ୍ତମାନଙ୍କ ଭିଡ଼ ଲାଗି ରହିଛି ଓ କେବଳ ନୀତିକାନ୍ତି ସମୟକୁ ବାଦ୍ ଦେଇ ସାରାଦିନ ଜଳଲାଗି କରାଯାଉଛି । ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ଭାବରେ ଜଣାଶୁଣା ଶ୍ରୀକ୍ଷେତ୍ରର ବାବା ଲୋକନାଥଙ୍କ ପୀଠରେ  ହଜାର ହଜାର କାଉଡ଼ିଆ ଭକ୍ତ ଜଳଲାଗି କରିବା ଲାଗି ମାନସିକ କରିଥାନ୍ତି ।

ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ସକାଳୁ ସକାଳୁ ରାଜ୍ୟର ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି ।  କାଉଡ଼ିଆମାନେ ଦୂରଦୂରାନ୍ତରୁ ପାଣି ଆଣି ଶୈବପୀଠ ଗୁଡ଼ିକରେ ଏକତ୍ରୀତ ହୋଇଛନ୍ତି । ରାଜ୍ୟର ପ୍ରମୁଖ  ଧବଳେଶ୍ୱର, ଆରଡି, ଚନ୍ଦନେଶ୍ୱର, ଗୁପ୍ତେଶ୍ୱର,

ଲିଙ୍ଗରାଜ ଶୈବପୀଠରେ କାଉଡ଼ିଆମାନେ ଲମ୍ବା ଧାଡ଼ିରେ ଆସି ଜଳଲାଗି କରୁଛନ୍ତି ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଆରଡ଼ିର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କଠାରେ ଜଳଲାଗି ପାଇଁ ମନ୍ଦିର କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସୁବର୍ଣ୍ଣପୁରର ଶତାଧିକ ଶିବ ମନ୍ଦିରରେ ବୋଲବମ୍ ଭକ୍ତମାନେ ବହୁ ସଂଖ୍ୟାରେ ଆସି ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳୀ ସ୍ୱର୍ଣ୍ଣ ପ୍ରୟାଗ ଘାଟରୁ ପାଣି ସଂଗ୍ରହ କରି ଶିବଙ୍କ ପାଖରେ ଜଳଲାଗି କରିଛନ୍ତି ।

ପ୍ରଥମ ଶ୍ରାବଣ ସୋମବାର ଅବସରରେ ରାଜ୍ୟପାଳ ରଘୁବର ଦାସ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ରାଜ୍ୟପାଳ କହିଛନ୍ତି, ବାବ ବୈଦ୍ୟନାଥ ସମସ୍ତ ଭକ୍ତଙ୍କ ମନୋସ୍କାମନା ପୂର୍ଣ୍ଣ କରି ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି ଓ ସୌଭାଗ୍ୟ ସଞ୍ଚାର କରନ୍ତୁ ।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ତ ଶ୍ରଦ୍ଧାଳୁ ଓ ଶିବଭକ୍ତଙ୍କୁ ଶୁଭକାମନା ଜଣାଇଛନ୍ତି । ସେ କହିଛନ୍ତି, ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଉନ୍ନତି ଓ ସମୃଦ୍ଧି ଆଣୁ ।

***Puri***

# ଶ୍ରୀମନ୍ଦିର ହୁଣ୍ଡି

ଶ୍ରୀମନ୍ଦିର ହୁଣ୍ଡିରୁ ଗତକାଲି ୨୨ ଲକ୍ଷ ୩୧ ହଜାର ୬୪୨ ଟଙ୍କା ମିଳିଥିବା ଜଣାପଡିଛି। ଏଥିସହ ୧ଗ୍ରାମ ୧୫୦ ମିଲିଗ୍ରାମ ସୁନା ଓ ୩୧ ଗ୍ରାମ ୨୨୦ ମିଲିଗ୍ରାମ ରୁପା ମଧ୍ୟ ହୁଣ୍ଡିରୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା  ଦିଆଯାଇଛି। ଗୋଟିଏ ଦିନରେ ଏତେ ପରିମାଣର ଅର୍ଥରାଶି ମିଳିଥିବା ଜଣାପଡ଼ିଛି।

**********************************